# ଘଟପର୍ବ

ଡକ୍ଟର ପ୍ରମୋଦିନୀ ହୋତା

କୋରାପୁଟ ଜିଲ୍ଲା ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହେଲେ ମଧ୍ୟ ଏହା ସୁଷମାରେ ଭରା ମର୍ତ୍ତ୍ୟର ଅମରାବତୀ । ଏହି ଜିଲ୍ଲାର ବିଭିନ୍ନ ସ୍ଥାନରେ ଲତା, ପଳାଶ, ଆପଦ ମସ୍ତକ ପୁଷ୍ପ ମଣ୍ଡିତ ହୋଇ ସାଗର ଗର୍ଭରେ ପ୍ରବାଳ ଲତା ମାଡିଲା ଭଳି ଦିଶେ । ଘାଟି ଉପର ତଳକୁ ଚାହିଁଲେ ଝରଣା, ଛୋଟ ପାଣି ଧାର ଶାଖା ପ୍ରଶାଖା ବିଶିଷ୍ଟ ରୌପ୍ୟ ଲତା ଭଳି ଅତି ସୁନ୍ଦର, ମନୋରମ ଅଟେ । କୋରାପୁଟ ଜିଲ୍ଲାର କୋଟପାଡ ସହର ଯେଉଁଠାରେ ପ୍ରଥମେ ଧାନ ଚାଷ କରାଯାଇଥିଲା, ପୂର୍ବକାଳରେ ଏହି ସହର ବସ୍ତରର ଅଂଶ ବିଶେଷ ଥିଲା । ଯାହାକୁ ଚକ୍ରକୋଟ ସାମ୍ରାଜ୍ୟ ନାମରେ ନାମିତ କରାଯାଇଥିଲା । ଏବେ ଏଠାରେ ଚକ୍ରକୋଟ ଶିବ ମନ୍ଦିର ରହିଛି । ଶିବ ମନ୍ଦିରର ପଶ୍ଚିମ ପଟେ ଦମୟନ୍ତୀ ସାଗର ନିକଟରେ ଚକ୍ରକୋଟେଶ୍ୱରୀ (ବୁଟୁମେଶ୍ୱରୀ) ମନ୍ଦିର ରହିଅଛି । ସେସମୟରେ ମଧ୍ୟ ବର୍ତ୍ତମାନ ଭଳି ୧୨,୦୦୦ରୁ ଊର୍ଦ୍ଧ୍ୱ ଏକର ପରିମିତ ସହର ରହିଥିଲା । ଯେଉଁଠାରେ ବର୍ତ୍ତମାନର ତହସିଲ ଅଫିସ, କ୍ଲବ ଅଫିସ, ମୁଶାଫିର ବଙ୍ଗଳା, ଦଶହରା ପଡିଆ ଅଞ୍ଚଳ ରହିଅଛି । କୋଟପାଡ ସହରରେ ରହିଥିବା ଗାଦିମାର ଦେବୀ ଅଞ୍ଚଳକୁ କନ୍ତ୍ରାଗୁଡା କୁହାଯାଉଥିଲା । କୋଟପାଡ ସହରରେ ଥିବା ମେଢ, ମଣ୍ଡପ, ଦୁର୍ଗ, ମନ୍ଦିର ନଅରର ଭଗ୍ନାବଶେଷ ଆମକୁ ସୂଚାଇ ଦିଏ ଯେ ଦିନେ ଏଠାରେ ଭଦ୍ର ଜାତିର ପ୍ରସାର ଥିଲା । ଏଠାରେ ଥିବା ମତ୍ସବଂଶ, ଶୈଳବଂଶ, ରାଜାମାନଙ୍କ ତାମ୍ର ଶାସନରୁ ପ୍ରମାଣିତ ହୁଏ । ଶୈଳ ବଂଶର ରାଜାମାନେ କୋଙ୍ଗଦରୁ ବିତାଡିତ ହୋଇ ଭଦ୍ର ଦେଶରେ ନସୁଣ୍ଡ ପାହାଡ ଅଞ୍ଚଳରେ ରାଜଧାନୀ ସ୍ଥାପନ କରିଥିଲେ । ଭଦ୍ର ରାଜାଙ୍କ ଶାସନ ସମୟରେ ମହାଭାରତ ଯୁଗରେ ରାଜା ପାଣ୍ଡୁଙ୍କୁ ଭଦ୍ର ରାଜା ହାତୀଦାନ୍ତ ଉପହାର ଦେଇଥିଲେ । ସମୟ କ୍ରମେ ନଳବଂଶ, ଗଙ୍ଗବଂଶ, ଶୀଳା ବଂଶୀ, ନାଗବଂଶୀ ରାଜାମାନେ କୋଟପାଡ ଅଞ୍ଚଳରେ ରାଜତ୍ୱ କରୁଥିଲେ । ବସ୍ତର ଗଡର କିଛି ଅଂଶ ଏବଂ କୋଟପାଡର କିଛି ଅଂଶକୁ ଚକ୍ରକୋଟ ସାମ୍ରାଜ୍ୟ କୁହାଯାଉଥିଲା । ବସ୍ତରର ରାଜା ଦଳପତ ଦେଓ ଚକ୍ରକୋଟେଶ୍ୱରୀ ମା' ଶୀତଳାଙ୍କର ପରମ ଭକ୍ତ ଥିଲେ । ଦଗଦଲପୁର ଗଡ ପ୍ରତିଷ୍ଠା ଅବସରରେ ରାଜା କୋଟପାଡ ଗଡର ଦେବୀ କଙ୍କାଳିନୀ ଏବଂ ଶୀତଳାଙ୍କୁ ଦୁଇଟି ହାତୀ ପିଠିରେ ବସାଇ ଦଗଦଲପୁର ନେବା ସମୟରେ କୋଟପାଡଠାରୁ ଏକ କିଲୋମିଟର ଦୂରରେ ହାତୀମୁଣ୍ଡାଠାରେ ଦେବୀ ଶୀତଳା ଏବଂ ସବାର ହୋଇଥିବା ହାତୀ ରହିଯାଇଥିଲା । ରାଜାଙ୍କ ଲୋକେ ଅନେକ ଚେଷ୍ଟା କରି ମଧ୍ୟ ଶୀତଳା ମା'ଙ୍କୁ ସେଠାରୁ ନେଇ ପାରିଲେ ନାହିଁ । ସେଠାରେ ସେ ଶୀତଳା ମା'ଙ୍କ ମୂର୍ତ୍ତିକୁ ଛାଡି ଦେଇ ମା'ଙ୍କ କଙ୍କାଳିନୀ ମୂର୍ତ୍ତି ନେଇ ଚାଲିଗଲେ । ସେହି ଦିନଠାରୁ ବର୍ତ୍ତମାନ କଙ୍କାଳିନୀ ଦେବୀ ଜଗଦଲପୁରରେ ରାଜନଅର ସ୍ଥିତ ଦନ୍ତେଶ୍ୱରୀ ମନ୍ଦିରରେ କୋଟପାଡଣୀ ଦୁର୍ଗା ରୂପେ ପୂଜା ପାଇ ଆସୁଛନ୍ତି । ଶୀତଳା ଠାକୁରାଣୀଙ୍କୁ ହାତୀମୁଣ୍ଡାରୁ ଆଣି କୋଟପଡାର ଦେବୀ ପୂଜକ, ଯିଏକି ସେସମୟରେ ଦେଓ୍ୱାନ କାର୍ଯ୍ୟ ତୁଲାଉଥିଲେ, ସେ କୋଟପାଡରେ ମନ୍ଦିର ପ୍ରତିଷ୍ଠା କରି ଶୀତଳା ଠାକୁରାଣୀଙ୍କୁ ପୂଜା କଲେ । ସେହି ଦିନଠାରୁ ମା' ଶୀତଳା କୋଟପାଡର ଅଧିଷ୍ଠାତ୍ରୀ ଦେବୀ ରୂପରେ ପୂଜା ପାଇ ଆସୁଛନ୍ତି । ୧୭୭୮ ମସିହାରେ ଜୟପୁର ମହାରାଜା ବୀର ବିକ୍ରମ ତତ୍କାଳୀନ ବସ୍ତର ରାଜାଙ୍କୁ ଯୁଦ୍ଧରେ ସାହାଯ୍ୟ କରି କୋଟପାଡ ପ୍ରଗଣାର ଚୁରଚଣ୍ଡା, ଓମରକୋଟ, ପଡାଗଡ, ରାଇଘର ଉପହାର ସ୍ୱରୂପ ବସ୍ତର ରାଜାଙ୍କଠାରୁ ପାଇଥିଲେ । ମହାରାଜା ବୀର ବିକ୍ରମ ଦେବ ମା' ଶୀତଳା ଏବଂ ଜଗନ୍ନାଥଙ୍କ ପୂଜା ବିଧି ନିମନ୍ତେ ଦେବୋତ୍ତର ଜମିକୁ ଖଞ୍ଜି ଦେଇଥିଲେ । ସେହି ସମୟରୁ ମା' ଶୀତଳାଙ୍କର ଘଟଯାତ୍ରା ଅନୁଷ୍ଠିତ ହୋଇ ଆସୁଛି । ପ୍ରଥମେ ମାଳିବଂଶର ଲୋକମାନେ ଦେବୀଙ୍କର ପୂଜା କରୁଥିଲେ । ପରେ ଭତରା ଜାତିର ଲୋକମାନେ ଦେବୀଙ୍କୁ ପୂଜା ଆରାଧନା କଲେ । କୌଣସି କାରଣ ବଶତଃ ରାତାରାତି ପୂଜକ ମାଳୀ ବଂଶର ଏବଂ ଉଦ୍ର ଜାତିର ଲୋକମାନେ

କୋଟପାଡ ଛାଡି ଚାଲିଗଲେ । ଭତରା ଜାତିର ଲୋକ ବର୍ତ୍ତମାନ କାଳିଆଗୁଡା ବା ଚଲାଣଗୁଡାରେ ବସବାସ କରୁଛନ୍ତି । ଶୀତଳା ମନ୍ଦିରରେ ପୂଜା କରୁଥିବା ପୂଜାରୀଙ୍କ ପୂର୍ବ ପୁରୁଷ ଭତରାମାନେ ଏହି ମନ୍ଦିରର କାର୍ଯ୍ୟ ତୁଲାଉଥିଲେ । ପୂର୍ବ କାଳରେ ପ୍ରତିବର୍ଷ ଘଟଯାତ୍ରା ନିରାଡମ୍ବର ଭାବରେ ପାଳନ କରାଯାଉଥିଲା । ଦେବୀଙ୍କ ଘଟ ପ୍ରତି ଘର ନଅଦିନ ପର୍ଯ୍ୟନ୍ତ ବୁଲୁଥିଲା । ଲୋକମାନେ ଦେବୀଙ୍କୁ ଭୋଗ ଦେଇ ପୂଜାର୍ଚ୍ଚନା କରୁଥିଲେ ଏବଂ ଦଶମୀ ଦିନ ବିସର୍ଜନ ହେଉଥିଲା । ସେସମୟରେ କୋଟପାଡ ଗଡଠାରେ ବାଲିଯାତ୍ରା ମଧ୍ୟ ହେଉଥିଲା । କୌଣସି କାରଣ ବଶତଃ ବାଲିଯାତ୍ରା ବନ୍ଦ ହୋଇଥିଲା । ୧୯୩୫ ମସିହା ପରଠାରୁ କୋଟପାଡ ସହରବାସୀ ନିର୍ଣ୍ଣୟ କଲେ ଯେ ପ୍ରତି ତିନିବର୍ଷରେ ଥରେ ମା' ଶୀତଳାଙ୍କର ଘଟଯାତ୍ରା ବିଧି ଅନୁସାରେ ପାଳନ କରାଯିବ । ପ୍ରତି ତିନିବର୍ଷରେ ଥରେ ପରିଚାଳନା କମିଟି ପୁରୋହିତ, ମାଳି, ପୂଜକ ଭତରା ଏକାଠି ବସି ମା'ଙ୍କ ପୂଜାର ଦିନ ଧାର୍ଯ୍ୟ କରିଥାନ୍ତି । ଘଟଯାତ୍ରାର ୨୦ ଦିନ ପୂର୍ବରୁ ମା'ଙ୍କ ପାଖରେ ଆଜ୍ଞାମାଳ ମଗାଯାଏ । ପୂର୍ବରୁ ଘଟଯାତ୍ରା ଚୈତ୍ର ଶୁକ୍ଳପକ୍ଷ ସପ୍ତମୀ ଦିନ ହେଉଥିଲା । କିନ୍ତୁ ମା'ଙ୍କ ଆଦେଶ ଯୋଗୁଁ ଏହି ଯାତ୍ରା ତିନିବର୍ଷକୁ ଥରେ ଚୈତ୍ର ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ଆରମ୍ଭ ହୋଇ ୧୦ ଦିନ ପର୍ଯ୍ୟନ୍ତ ଚାଲେ । ଏଗାର ଦିନରେ ଯାତ୍ରା ସମାପ୍ତ ହୁଏ । ୧୯୮୨ ମସିହାରେ ଏକ ଅଲୌକିକ ଘଟଣା କୋଟପାଡବାସୀଙ୍କୁ ସ୍ତମ୍ଭିତ କରିଦେଇଥିଲା । ଆଜ୍ଞାମାଳ ପାଇଁ ମା'ଙ୍କ ପାଖକୁ ପୂଜାରୀ, ଶିରା, ମାଳି ସମସ୍ତେ ଗଲେ । ଗ୍ରାମ୍ୟ ଦେବୀଙ୍କୁ କିଳାଗଲା, ଦୁର୍ଗସ୍ତମ୍ଭ ପୋତାଗଲା କିନ୍ତୁ ଦେବୀଙ୍କର ଆଜ୍ଞାମାଳ ମିଳିଲାନି । ଗୋବିନ୍ଦଶିରାକୁ ଦେବୀଙ୍କ ସମ୍ମୁଖରେ ବସାଗଲା । ଶିରାର ଶରୀରରେ ଠାକୁରାଣୀ ପ୍ରବେଶ କଲେ । ଠାକୁରାଣୀଙ୍କ ପାଦ ତଳେ ପିତ୍ତଳ ଥାଳି ରଖାଯାଇଥାଏ । ଠାକୁରାଣୀଙ୍କ ମୁଣ୍ଡ ଉପରେ ଥିବା ଫୁଲମାଳ ଗୋଲ ହୋଇ ଚାଉଳ ଏବଂ ଗୁଆ ସହିତ ଥାଳିରେ ପଡିଲା । ଠାକୁରାଣୀଙ୍କ ଆଜ୍ଞାମାଳ ନେବା ପରେ ଘଟଯାତ୍ରା ଆରମ୍ଭ ହୋଇଥିଲା । ଏହି ପୂଜା ବାସନ୍ତିକ ଦଶହରା ବିଧିରେ କରାଯାଏ । ବିମାନ, ଲାଠି, ଡ଼ୋଲା (ଓଜନଦାର ସିନ୍ଦୁକରେ ଶିକୁଳି ଲାଗିଥିବ) କୁରଚି, କଣ୍ଟା ଚେୟାରରେ ଗୁରୁମାଇ, ଶିରା ବସିଥିବ ସେସବୁ ବିଭିନ୍ନ ସ୍ଥାନରୁ ଆସି ଦଶହରା ପଡିଆରେ ଏକତ୍ରିତ ହୁଏ । ଆସ୍ଥାନରେ ହୋମହୁଏ । ନଡିଆ କଦଳୀ, ଧୂପ ଦୀପ ଦେଇ ପୂଜା କରାଯାଏ ଏବଂ ସେଠାରେ ଘୁଷୁରି ପୂଜା ହୁଏ । ଶୀତଳା ଠାକୁରାଣୀଙ୍କୁ ମାଳି ଏବଂ ଭତରାମାନେ ଘଟଯାତ୍ରା ପୂର୍ବରୁ ମନ୍ଦିରରେ ପୂଜା କରିଥାନ୍ତି କିନ୍ତୁ ଘଟପର୍ବର ଦଶଦିନ ଯାଏ ମହାପାତ୍ର ବଂଶର ପୂଜାରୀ ପୂଜା କରିଥାନ୍ତି । ପ୍ରଥମେ ଘଟପୂଜା ପୂର୍ବରୁ କୋଟପାଡର ପ୍ରତିଷ୍ଠିତ ମନ୍ଦିର ମହିଷାମର୍ଦ୍ଦିନୀ ମା'ଙ୍କ ପୀଠରୁ ଚକ୍ର ଏବଂ ଆଜ୍ଞାମାଳ ଅଣାଯିବା ଏବଂ ମା' ଶୀତଳାଙ୍କ ଆଜ୍ଞାମାଳ ଅଣାଯିବା ପରେ ଗ୍ରାମ୍ୟ ଦେବୀ, ପରଦେଶୀ, ମାଉଁଲୀ, କଙ୍କାଳୁଣୀ, ଭୈରବୀଙ୍କୁ ଆମନ୍ତ୍ରଣ କରି ଆବାହନ କରାଯାଏ । ମନ୍ଦିରରେ ପୂଜା କରାଯାଏ ଏବଂ ଚାରୋଟି ଘଟହାଣ୍ଡି ଏବଂ ଦୁଇଟି ଫୁଲଟାକରା ବସାଯାଏ । ପୂଜା ଏବଂ ହୋମ ସରିବା ପରେ ସନ୍ଧ୍ୟାରେ ଘଟଯାତ୍ରା ଆରମ୍ଭ ହୁଏ । ରାଜଦାଣ୍ଡ ଦେଇ ଶୀତଳା, ପରଦେଶୀ, କଙ୍କାଳୁଣୀ ମା'ଙ୍କ ତିନୋଟି ଘଟ ହାଣ୍ଡି ଏବଂ ଫୁଲ ଟାଟ ସହ ସାହିସାହି ଠାକୁରାଣୀ ପୂଜା ପାଇଥାନ୍ତି । ସହର ଚଳଚଞ୍ଚଳ ହୋଇ ଉଠେ । ପ୍ରତିଦିନ ରାଜଦାଣ୍ଡ ଦେଇ ଗୋଟିଏ ଗୋଟିଏ ସାହି ପରିକ୍ରମା କରାଯାଏ । ଠାକୁରାଣୀମାନେ ଏହିପରି ଦଶଦିନ ସହର ପରିକ୍ରମା କରି ଫେରିଲା ପରେ ରାତ୍ରିରେ ମନ୍ଦିରରେ ମା'ଙ୍କୁ ଅନ୍ନଭୋଗ ଲାଗି ହୋଇଥାଏ । ଏହି ଦଶଦିନ ବଳିପୂଜା କରାଯାଏ ନାହିଁ, ଶେଷଦିନ ବିଭିନ୍ନ ଆସ୍ଥାନରୁ ଦେବୀ ଲାଠି ଆସିଥାଏ । ଶେଷଦିନ ପୂଜାରୀ, ଶିରା ବିଭିନ୍ନ ସ୍ଥାନରୁ ଆସିଥିବା ସମସ୍ତ ଲାଠି, କୁରଚି, ଡ଼ୋଲା, ବିମାନ ଗୋଟିଏ ସ୍ଥାନରେ ଦଶହରା ପଡିଆରେ ଏକତ୍ରିତ ହୁଅନ୍ତି । ସେଠାକୁ ଠାକୁରାଣୀମାନଙ୍କ ଘଟ ଯାଏ ଏବଂ ମାନସିକ କରିଥିବା ବ୍ୟକ୍ତି ଯେଉଁମାନେ ଘରେ ଘଟ ବସାଇଥାନ୍ତି ସମସ୍ତେ ନୂଆଲୁଗା ପିନ୍ଧି, ଉପବାସ ରହି ଘଟହାଣ୍ଡି ମୁଣ୍ଡରେ ଧରି ଦଶହରା ପଡିଅରେ ଏକତ୍ରିତ ହୁଅନ୍ତି । ଦମୟନ୍ତୀ ପୋଖରୀରେ ସମସ୍ତ ଦେବାଦେବୀ ଘଟ ଧରିଥିବା ସ୍ତ୍ରୀମାନେ ଏବଂ ଲାଠି ବାହାକମାନେ ଗୋଡ ଧୋଇଥାନ୍ତି । ଚଣା, ଶାକର ଏବଂ ଚୁଡି କିଣି ଦେବଦେବୀଙ୍କୁ ପୂଜା କରିଥାନ୍ତି । ଆସ୍ଥାନରେ ହୋମ କରାଯାଏ । ନଡିଆ କଦଳୀ ପିଠାପଣା ପୂଜା କରାଯାଏ । ଏହି ଘଟପର୍ବ ହେଉଛି କୁଟୁମ୍ବଜାତ ପର୍ବ । ଦେବାଦେବୀମାନେ ସମସ୍ତେ କୁଟୁମ୍ବମାନଙ୍କ ସହିତ ଗୋଟିଏ ସ୍ଥାନରେ ଏକତ୍ରିତ ହୁଅନ୍ତି ଏବଂ ସେମାନଙ୍କର ସୁଖଦୁଃଖକୁ ଏହି ଘଟପର୍ବ ଦିନ ବାଣ୍ଟିଥାନ୍ତି । ଆନ୍ଧ୍ରପ୍ରଦେଶ, ଛତିଶଗଡରୁ ଓ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ହଜାର ହଜାର ଭକ୍ତ ଆସି ଏକତ୍ରିତ ହୋଇ ଘଟପର୍ବକୁ ପାଳନ କରିଥାନ୍ତି । ଏଥିରେ ଆଦିବାସୀ ଏବଂ ସାଧାରଣ ଲୋକ ଜାକଜମକରେ ଏହି ଘଟପର୍ବକୁ ପାଳନ କରିଥାନ୍ତି । ଏହି ସମୟରେ କୋଟପାଡ ସହର ଉତ୍ସବ ମୁଖରିତ ହୁଏ ଏବଂ ଶେଷରେ ଘଟଯାତ୍ରା ଶେଷ ହୁଏ ।

ପାଇଲସାହି, ଜୟପୁର
କୋରାପୁଟ